ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଡିସେମ୍ବର ୩୧ /୨୦୧୮ Rayagada, Monday, December. 31 / 2018

# ରୁଜୁ ହେବ ଜନସ୍ୱାର୍ଥ ମାମଲା

## ■ ଖବରଦାତା ସମ୍ମିଳନୀରେ ସ୍ୱାଭିମାନ ମଞ୍ଚର ଅଭିଯୋଗ

■ସହରର ହୋଟେଲରେ ଦିଆଯାଉଛି ନିମ୍ନମାନର ଖାଦ୍ୟ
■ସୂର୍ଯ୍ୟମହଲ ପରିସରସ୍ଥ ପବ୍ଲିକ ସ୍କୁଲର ସୁସ୍ଥ ପରିବେଶ ନାହିଁ
■ଜିଲା ପ୍ରଶାସନ ନୀରବଦ୍ରଷ୍ଟା

**ଜୟପୁର,୩୦।୧୨(ଡି.ଏନ.ଏ)**

କୋରାପୁଟ ଜିଲା ଜୟପୁର ସହରର ହୋଟେଲଗୁଡ଼ିକରେ ନିମ୍ନମାନର ଖାଦ୍ୟ ବିକ୍ରି ହେଉଛି। ସ୍ଥାନୀୟ ସୂର୍ଯ୍ୟମହଲ ପରିସରସ୍ଥ ପବ୍ଲିକ ସ୍କୁଲ ବିନା ଅନୁମତିରେ ଚାଲିଛି। ଏପରିକି ଭବନର ସୁରକ୍ଷା ନେଇ ସନ୍ଦେହ ପ୍ରକାଶ ପାଇଛି। କିନ୍ତୁ ଜିଲା ପ୍ରଶାସନ ସବୁ ଜାଣି ଚୁପ୍ ହୋଇ ବସିଛି ବୋଲି ଜୟପୁର ସ୍ୱାଭିମାନ ମଞ୍ଚ ଏକ ଖବରଦାତା ସମ୍ମଳନୀରେ ଅଭିଯୋଗ କରିଛି।

ମଞ୍ଚ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ସଭାପତି ଗଙ୍ଗାଧର ନନ୍ଦ, ଉପସଭାପତି ମଧୁସୂଦନ ଜେନା, ସହସମ୍ପାଦକ ବଲ୍ଲଭ ପାଢ଼ୀ, ଆଇନ ଉପଦେଷ୍ଟା ସନ୍ଦୀପସାଇ ପାଣିଗ୍ରାହୀ, ସଦସ୍ୟ ଗୌତମ ସାମନ୍ତରାୟ ଉପସ୍ଥିତ ଥିଲେ । ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଜୟପୁର ସହରରେ ଅନେକ ଛୋଟବଡ଼ ହୋଟେଲ ରହିଛି। ଏଥିରେ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ ହେଉଛି। ଦୁଇଦିନ ପୂର୍ବରୁ ଏକ ହୋଟେଲ ଦ୍ୱାରା ପୂର୍ବ ପ୍ରସ୍ତୁତ ପିଆଜିରୁ ଅସରପା ବାହାରିଥିବା ଅଭିଯୋଗ ପଦାକୁ ଆସିଛି। କିନ୍ତୁ ଜିଲା ପ୍ରଶାସନ ,ପୌରସଂସ୍ଥା ସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ସେହିପରି ସୂର୍ଯ୍ୟମହଲରେ ରହିଥିବା ଘରୋଇ ବିଦ୍ୟାଳୟର ସୁସ୍ଥ ଶୈକ୍ଷିକ ପରିବେଶ ନଥିବା ନେଇ ଫେବୃୟାରୀ ୩ ତାରିଖରେ ସମ୍ପୃକ୍ତ ବିଭାଗ ତରଫରୁ ଚିଠି ହୋଇଥିଲା। ତୁରନ୍ତ ବିଦ୍ୟାଳୟ ଭବନ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ରହିଥିଲା। ପୁଣି ମାର୍ଚ୍ଚ ମାସରେ ଅନ୍ୟ ଏକ ଚିଠି ଉକ୍ତ ବିଦ୍ୟାଳୟକୁ ହୋଇଥିଲା। କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିପ୍ରତି ଅଣଦେଖା କରି ଚାଲିଛନ୍ତି। ଅଗଷ୍ଟ ୨୯ ତାରିଖରେ ବିଦ୍ୟାଳୟର ଗୋଟିଏ ଛାତ ଭୁଶୁଡ଼ି ଯାଇଥିଲା। ଏଥିନେଇ ସ୍ୱାଭିମାନ ମଞ୍ଚ ପକ୍ଷରୁ ସେପ୍ଟେମ୍ବର ୬ ତାରିଖରେ ପ୍ରଶାସନ ଏବଂ ଶିକ୍ଷା ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ଶିଶୁ ସୁରକ୍ଷା ସମିତି, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଏବଂ ଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ବିଦ୍ୟାଳୟର ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ୍ କରାଯାଇଛି । କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହା ବିରୋଧରେ ମଞ୍ଚ ସଦସ୍ୟ ଗୌତମ ସାମନ୍ତରାୟ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିବେ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି। ବିଦ୍ୟାଳୟକୁ ଏକ ସୁରକ୍ଷିତ ଭବନକୁ ସ୍ଥାନାନ୍ତର କରିବାକୁ ମଞ୍ଚ ଦାବି କରିଛି।


ଖବରଦାତା ସମ୍ମିଳନୀରେ ସ୍ୱାଭିମାନ ମଞ୍ଚର କର୍ମକର୍ତ୍ତାମାନେ ।

## ସଂକ୍ଷେପରେ



### ଜିଲାରେ ୭.୨ତଳକୁ ଖସିଲା ପାରଦ

**କୋରାପୁଟ,୩୦।୧୨(ସ୍ୱ.ପ୍ର.):**କୋରାପୁଟ ଜିଲାରେ କିଛିଦିନ ହେଲା ଶୀତର ଲହରି ଜାରି ରହିଛି। ରବିବାର ପାରଦ ୭.୨ ଡିଗ୍ରୀ ତଳକୁ ଖସିଛି। ଏହା ହେଉଛି ଚଳିତ ବର୍ଷ ଜିଲାରେ ସର୍ବନିମ୍ନ ତାପମାତ୍ରା। ଏବେ ଜିଲାରେ ଦିନବେଳା ତାପମାତ୍ରା ୨୦ରୁ ୨୨ ଡିଗ୍ରୀ ମଧ୍ୟରେ ରହୁଥିବାବେଳେ ରାତିରେ ୫ରୁ ୭ ଡିଗ୍ରୀ ଭିତରେ ରହୁଛି। ଜିଲାର ପଟ୍ଟାଙ୍ଗୀ, କୋରାପୁଟ, ଲକ୍ଷ୍ମୀପୁର, ସେମିଲିଗୁଡ଼ା, ନନ୍ଦପୁର, ପାଡୁଆ, ଦେଓମାଳୀ, କୋଟିଆ ,ଚାଟୁଆ, ଅନକାଡ଼େଲି ଆଦି ଅଚଂଳରେ ପ୍ରବଳ ଜାଡ଼ ଅନୁଭୂତ ହେଉଛି । ସୂଚନା ଥାଉକି , ଶନିବାର ଜିଲାରେ ପାରଦସ୍ତର ୮.୪ ଡିଗ୍ରୀ ରହିଥିଲା । ପ୍ରବଳ ଶୀତ ଯୋଗୁ ସକାଳ ୯ଟା ଯାଏ ରାସ୍ତାଘାଟ ଏକପ୍ରକାର ଶୂନ୍‌ଶାନ ରହୁଛି। ରାତିରେ ଭାରିଯାନ ଅଳ୍ପ ସଂଖ୍ୟାରେ ଚଳାଚଳ କରୁଥିବାବେଳେ ବାକି ରାସ୍ତାରେ ଅଟକି ରହୁଛନ୍ତି।

### କୋଟପାଡ଼ ବ୍ଲକ କୃଷକ କଲ୍ୟାଣ ମଞ୍ଚ ଗଠିତ



**ଚାନ୍ଦିଲି(କୋଟପାଡ଼),୩୦।୧୨(ଡି.ଏନ୍.ଏ.):** କୋରାପୁଟ ଜିଲା କୋଟପାଡ଼ ବ୍ଲକ୍ ଏବଂ ଏନ୍ଏସି ଅଞ୍ଚଳର ଚାଷୀଙ୍କୁ ନେଇ କୋଟପାଡ଼ ବ୍ଲକ କୃଷକ କଲ୍ୟାଣ ମଞ୍ଚ ଗଠିତ ହୋଇଛି। କୋଟପାଡ଼ ହାଟପଦାଠାରେ ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ଅଗ୍ରଣୀ ଚାଷୀଙ୍କ ସମାବେଶ ହୋଇଥିଲା। ଏଥିରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଛି। ଏହାସହ ଅତିଥିମାନେ ସରକାରଙ୍କ କାଳିଆ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ମଞ୍ଚ ସମସ୍ତ ବର୍ଗର ଚାଷୀଙ୍କୁ ସଂଗଠିତ କରି ସେମାନଙ୍କ ହିତ ପାଇଁ କାର୍ଯ୍ୟ କରିବାକୁ ସମାବେଶରେ ନିଷ୍ପତ୍ତି ନିଆଯାଇଛି। ସର୍ବସମ୍ମତି କ୍ରମେ ବ୍ଲକ କୃଷକ କଲ୍ୟାଣ ମଞ୍ଚ ଗଠନ କରାଯାଇଛି। ଏଥିରେ ଉପଦେଷ୍ଟା ଭାବେ ନରସିଂହ ବେହେରା, ଦେବୀ ପ୍ରସାଦ ପାତ୍ର, ରବୀନ୍ଦ୍ର ପ୍ରହରାଜ, ତ୍ରିପତି ବିଷୋଇ, ଶୈଳେନ୍ଦ୍ର ମହାନ୍ତି , ସଭାପତି ସୀତାନାଥ ବିଶ୍ୱାଳ, ଉପସଭାପତି ଦେବବ୍ରତ ଦଳବେହେରା, ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ହୋତା, ସହସମ୍ପାଦକ ଉମେଶ ଚନ୍ଦ୍ର ବ୍ରହ୍ମା, ନବୀନ କୁମାର ବିଷୋଇ, କୋଷାଧକ୍ଷ ରଙ୍ଗନାଥ ହୋତା, ଆଇନ ପରାମର୍ଶଦାତା ଜିତେନ୍ଦ୍ର ନାଥ ମହାପାତ୍ର ଏବଂ ଶଙ୍କରପ୍ରସାଦ ପଣ୍ଡା ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ ସଭ୍ୟ ରୂପେ ପ୍ରତ୍ୟେକ ପଞ୍ଚାୟତର ଦୁଇଜଣ ଲେଖାଏ ଅଗ୍ରଣୀ ଚାଷୀଙ୍କୁ ଚୟନ କରାଯାଇଛି। ଆଗାମୀ ଦିନରେ କୃଷକଙ୍କ ଉନ୍ନତି ଏବଂ କଲ୍ୟାଣ ନିମନ୍ତେ ମଞ୍ଚ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ସଭାପତି ବିଶ୍ୱାଳଙ୍କ ସମେତ ଚାଷୀ ଜଟୁ ପଟ୍ଟନାୟକ, ଟଙ୍କଧର ନାୟକ, ଶରତ ବେହେରା, ବାଙ୍ଗା ରାଜୁ, ରୁପୁ ସରାବୁ, ରମା ବିଷୋଇ, ବିଦୁଭୂଷଣ ତ୍ରିପାଠୀ ପ୍ରକାଶ କରିଛନ୍ତି।

### ରାମ ସାମନ୍ତରାୟ ବିଜେଡି କୃଷକ ଜିଲା ସଭାପତି

**ଜୟପୁର,୩୦।୧୨(ଡି.ଏନ.ଏ):** କୋରାପୁଟ ଜିଲା ବିଜୁ କୃଷକ ଜନତା ଦଳ ସଭାପତି ଭାବେ ରାମ କୁମାର ସାମନ୍ତରାୟ ଏବଂ କାର୍ଯ୍ୟକାରୀ ସଭାପତି ସୁକୁରିଆ ପ୍ରଧାନଙ୍କୁ ଦଳମୁଖ୍ୟ ନବୀନ ପଟ୍ଟନାୟକ ମନୋନୀତ କରିଛନ୍ତି। ଜିଲାର ଚାଷୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଏବଂ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ପଦକ୍ଷେପ ନେବାରେ ସେ ପ୍ରାଥମିକତା ଦେବେ ବୋଲି ନବନିଯୁକ୍ତ ସଭାପତି ସାମନ୍ତରାୟ ପ୍ରକାଶ କରିଛନ୍ତି।


ବୈଠକରେ ପୋଲିସ ଅଧିକାରୀଙ୍କ ସହିତ ଅନ୍ୟମାନେ ।

# ଆମ ପୋଲିସ ସମିତି ବୈଠକ

**ନନ୍ଦପୁର, ୩୦।୧୨(ଡି.ଏନ୍.ଏ.)**

କୋରାପୁଟ ଜିଲା ନନ୍ଦପୁର ପୋଲିସ ପକ୍ଷରୁ ରବିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆଇଆଇସି ଚନ୍ଦ୍ରଶେଖର ଶବର,ଏସ୍ଆଇ ବିଘ୍ନରାଜ ଭତରା, ଜଳନ୍ଧର ସେଠୀ ଏବଂ ଏଏସ୍ଆଇ ଘେନୁ ଖେମୁଣ୍ଡୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ସୀମାଞ୍ଚଳ ଚୌଧୁରୀ, ଗୋପାଳକୃଷ୍ଣ ,ଜଗନ୍ନାଥ ପାଙ୍ଗି, ଦିବାକର ଭତରା, କିଶୋରଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରାଣୀ ଡୁଡୁମା ପର୍ଯ୍ୟଟନ ସ୍ଥଳୀକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା, ଗାଲଗଡ଼ା ନଦୀ ନିକଟ ମୁଖ୍ୟ ରାସ୍ତାରେ ସୂଚନା ଫଳକ, ନନ୍ଦପୁରଠାରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ପ୍ରଭୃତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

# ତହସିଲଦାରଙ୍କ ଜରୁରୀ ବୈଠକ


ବୈଠକରେ ତହସିଲଦାର ଏବଂ ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ଆଲୋଚନା ।

**ପଟ୍ଟାଙ୍ଗୀ,୩୦।୧୨(ଡି.ଏନ.ଏ)**

ପଟ୍ଟାଙ୍ଗୀ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅରୁଣ କୁମାର ଖଣ୍ଡାଙ୍କ ଆହ୍ୱାନକ୍ରମେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଛି। ଯେଉଁ ଲୋକମାନେ ଜମିପଟ୍ଟା କରି ନାହାନ୍ତି ସେମାନେ ନିର୍ଦ୍ଧାରିତ ଫର୍ମରେ କିପରି ଆସନ୍ତା ୧୦ ତାରିଖ ସୁଦ୍ଧା ଆବେଦନ କରିବେ ସେ ସମ୍ପର୍କରେ ସଚେତନ କରାଇବାକୁ ଉପସ୍ଥିତ ତହସିଲ କର୍ମଚାରୀଙ୍କୁ ତହସିଲଦାର ଖଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ପଟ୍ଟା ପାଇଁ ଆବେଦନ କରିବେ ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ପଟ୍ଟା ପ୍ରଦାନ କରିବାକୁ ତହସିଲଦାର ପରାମର୍ଶ ଦେଇଛନ୍ତି। ବୈଠକରେ ସୁପରଭାଇଜର ଭାସ୍କର ଚନ୍ଦ୍ର ଗମାଙ୍ଗ, ଆରଆଇ କୈଳାସ ଚନ୍ଦ୍ର ଗାଦ୍‌ବା, ଗୌରୀଶଙ୍କର ପଟ୍ଟନାୟକ ପ୍ରମୁଖଙ୍କ ସମେତ ଅନ୍ୟ ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି , ପୂର୍ବରୁ ସାମୟିକଭାବେ ପଟ୍ଟା ଆବେଦନ ପ୍ରକ୍ରିୟା କୌଣସି କାରଣକୁ ନେଇ ବନ୍ଦ ଥିଲା।

# ସରକାରୀ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

## ପୂର୍ବ ନାମରେ ନାମିତ ଦାବି

**କୋରାପୁଟ,୩୦।୧୨ (ସ୍ୱ.ପ୍ର.)**

କୋରାପୁଟ ସରକାରୀ ମହାବିଦ୍ୟାଳୟ ତଥା ପୂର୍ବର ଡିଏଭି ମହାବିଦ୍ୟାଳୟର ୩ ଦିନ ଧରି ଚାଲିଥିବା ସୁବର୍ଣ୍ଣ ଜୟନ୍ତୀ ରବିବାର ଉଦ୍‌ଯାପିତ ହୋଇଛି । ଏହି ଦିବସରେ କୋରାପୁଟ ଏମ୍‌ପି ଝିନ୍ନ ହିକ୍କା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଅବସରପ୍ରାପ୍ତ ଲ୍ୟୁଟ୍‌ଫ୍ଟେନାଣ୍ଟ କର୍ନେଲ ନାରାୟଣ ମହାନ୍ତି, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶୁଭେନ୍ଦୁଶେଖର ପାଢ଼ୀ ଯୋଗଦେଇ ମହାବିଦ୍ୟାଳୟ ୫୦ ବର୍ଷର ଅଭୁଲା ସ୍ମୃତିକୁ ତାଜା କରିଥିଲେ । ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ସଂଘ ଆଲୁମନିର ଆବାହକ ଅଯୋଧ୍ୟା ନାଥ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟରେ ବର୍ତ୍ତମାନ ବହୁ ଅଧ୍ୟାପକ ପଦବୀ ଖାଲିଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାଘାତ ହେଉଥିବା ଦର୍ଶାଇବା ସହ ମହାବିଦ୍ୟାଳୟର ଏହି ସୁବର୍ଣ୍ଣ ଜୟନ୍ତୀ ୫୦ ବର୍ଷ ମଧ୍ୟରେ ଉକ୍ତ ମହାବିଦ୍ୟାଳୟରୁ ପାଠପଢ଼ି ଜିଲା,ରାଜ୍ୟ,ଦେଶ ତଥା ବିଦେଶରେ ସୁନାମ ଅର୍ଜନ କରିଥିବା ବହୁ ଛାତ୍ରୀଛାତ୍ରଙ୍କୁ ଏକତ୍ର କରିପାରିଛି ବୋଲି ପ୍ରକାଶ କରିଥିଲେ । ଉକ୍ତ ମହାବିଦ୍ୟାଳୟର ବର୍ତ୍ତମାନ ନାମକୁ ପରିବର୍ତ୍ତନ କରି ପୂର୍ବ ନାମରେ ନାମିତ କରିବାକୁ ଉପସ୍ଥିତ ବିଧାୟକ ଓ ଏମ୍‌ପିଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ଶେଷ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୁରାତନ ଛାତ୍ର ୟୁ. ଡାନିଏଲ, ଡ. ପ୍ରୀତିଧାରା ସାମଲ,ଗିରିଜା ଚୌଧୁରୀ ଏବଂ ଅକ୍ଷୟ କୁମାର ବେହେରା ସଂଯୋଜନା କରିଥିଲେ।


ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

# ସମର୍ଥକଙ୍କ ସହ ଜିଲା ତୃଣମୂଳ କଂଗ୍ରେସ ସଭାପତିଙ୍କ ଇସ୍ତଫା

**ଜୟପୁର, ୩୦।୧୨(ନି.ପ୍ର.)**

ଅଖିଳ ଭାରତ ତୃଣମୂଳ କଂଗ୍ରେସର କୋରାପୁଟ ଜିଲା ସଭାପତି ମହେନ୍ଦ୍ର ପାତ୍ର ସମର୍ଥକଙ୍କ ସହିତ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଅଖିଳ ଭାରତ ତୃଣମୂଳ କଂଗ୍ରେସ ପଶ୍ଚିମ ବଙ୍ଗରେ ସରକାରରେ ଥାଇ ବି ହିନ୍ଦୁମାନଙ୍କ ପ୍ରତି ଅତ୍ୟାଚାର ହେଉଛି। ଏହାକୁ ଇସ୍ତଫା ଦେଇଥିବା ସଦସ୍ୟମାନେ ନିନ୍ଦା କରିବା ସହିତ ହିନ୍ଦୁତ୍ୱ ପ୍ରଚାରପ୍ରସାର ପାଇଁ କାମ କରିବାକୁ ନିଷ୍ପତ୍ତି ନେଇଥିବା ଏକ ପ୍ରେସ୍ ବିବୃତିରେ ମହେନ୍ଦ୍ର ଜଣାଇଛନ୍ତି। ଏମାନେ ଅଖିଳ ଭାରତ ହିନ୍ଦୁ ମହାସଭାରେ ଯୋଗଦେବେ ବୋଲି ବିବୃତିରେ ଉଲ୍ଲେଖ ରହିଛି। ଜିଲା ସଭାପତି ମହେନ୍ଦ୍ରଙ୍କ ସହ ଶିବ ଗନ୍ତାୟତ, ବାଳକୃଷ୍ଣ ଦାସ, ବିନୋଦ ନାୟକ, ଶରତ ପଟ୍ଟନାୟକ, ହରେକୃଷ୍ଣ ମହାରଣାଙ୍କ ସମେତ ୧୦ ଜଣ ଜିଲା ତୃଣମୂଳ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି।

# ପୃଥକ୍ ଦୁର୍ଘଟଣାରେ ୫ ଗୁରୁତର

**କୋରାପୁଟ, ୩୦।୧୨(ସ୍ୱ.ପ୍ର.)**

କୋରାପୁଟରେ ରବିବାର ଦୁଇଟି ପୃଥକ୍ ଦୁର୍ଘଟଣାରେ ୫ ଗୁରୁତର ହୋଇ କୋରାପୁଟ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଟୋ ଓ ବାଇକ୍ ଧକ୍କାରେ ୪ ଜଣ ଗୁରୁତର ହୋଇଥିଲେ। ସେହିପରି ଅପରାହ୍ନରେ ସ୍ଥାନୀୟ ଲାଣ୍ଡିଗୁଡ଼ାଠାରେ କାର୍ ଓ ବାଇକ୍ ମଧ୍ୟରେ ହୋଇଥିବା ଧକ୍କାରେ ଜଣେ ଗୁରୁତର ହୋଇଛନ୍ତି।

# କୁମୁଲିପୁଟ ଲ୍ୟାମ୍ପ ନୂତନ କାର୍ଯ୍ୟାଳୟ ଭବନ ଉଦ୍‌ଘାଟିତ


ଅତିଥିଙ୍କ ଦ୍ୱାରା ନୂତନ ଭବନ ଉଦ୍‌ଘାଟନ ହେଉଛି ।

**ଜୟପୁର,୩୦।୧୨(ଡି.ଏନ.ଏ)**

ଜୟପୁର ବ୍ଲକ୍‌ର କୁମୁଲିପୁଟ ଲ୍ୟାମ୍ପର ନୂତନ କାର୍ଯ୍ୟାଳୟ ଭବନ ରବିବାର ଉଦ୍‌ଘାଟନ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୋରାପୁଟ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧ୍ୟକ୍ଷା ଡ. ଇନ୍ଦିରା ନନ୍ଦ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଭବନ ନିର୍ମାଣ ବାବଦକୁ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ ରହିଥିଲା। ଏଥିରେ ସୌରଶକ୍ତିରୁ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ନାବାର୍ଡ ୨ଲକ୍ଷ ଟଙ୍କା ସହାୟତା ଦେଇଛି। ଏହି ଅବସରରେ ଡିଆର୍‌ସିଏସ୍ ଭକ୍ତବନ୍ଧୁ ସାହୁ, କେସିସି ବ୍ୟାଙ୍କ ସଂପାଦକ ଅନନ୍ତ ସାମଲ, ଏଜିଏମ୍ ନାବାର୍ଡ ମୁରଲୀ ମିଶ୍ର, ଏଆର୍‌ସିଏସ୍ ଭବାନୀ ପ୍ରସାଦ, ଲ୍ୟାମ୍ପ ସଭାପତି ସମ୍ବାରୀ ମାଝି, ଏମ୍‌ଡି ମାନସୀ ପରିଚ୍ଛା, ନିର୍ଦ୍ଦେଶକ ପ୍ରତାପ ମାଦଳା, ସୁଦୀପ ପୋଦ୍ଦାର, ମନମୋହନ ପଟ୍ଟନାୟକ, ବୁଦୁରୁ ମଦୁଲି, ବି. କ୍ରିଷ୍ଣାରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ■ ନବବର୍ଷ ଶୁଭେଚ୍ଛାରେ ନିର୍ବାଚନ ପ୍ରଚାର ବାସ୍ନା

# ବୈପାରୀଗୁଡ଼ା ଛକରେ ଛାଇଗଲାଣି ନେତାଙ୍କ ବ୍ୟାନର

**ବୈପାରୀଗୁଡ଼ା,୩୦।୧୨(ଡି.ଏନ୍.ଏ)**

ଇଂଗ୍ରାଜି କ୍ୟାଲେଣ୍ଡର ନବବର୍ଷ ୨୦୧୯ ରାଜନେତାଙ୍କ ଏକ ନିଆରା ବର୍ଷ । କାରଣ ୨୦୧୯ରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। କେବେ ଲୋକଙ୍କ ନିକଟତର ହୋଇ ନ ଥିବା କେତେକ ଅଚିହ୍ନା ମୁହଁ ସହ ପ୍ରମୁଖ ରାଜନୈତିକ ଦଳର ନେତାଙ୍କ ଚେହେରା ଥିବା ଭଳିକି ଭଳି ଶୁଭେଚ୍ଛା ବ୍ୟାନର ରାସ୍ତାଘାଟ କାନ୍ଥବାଡ଼ରେ ଛାଇ ଗଲାଣି। ବୈପାରୀଗଡ଼ା ଛକରେ ଏପରି ବ୍ୟାନର ଲାଗିଲାଣି । ସମସ୍ତେ ବୈପାରୀଗୁଡ଼ାବାସୀଙ୍କୁ ନବବର୍ଷର ବାର୍ତ୍ତା ଦେଉଛନ୍ତି। ବିଗତ ନବବର୍ଷଗୁଡ଼ିକରେ ଏପରି ବ୍ୟାନର ଦେଖିବାକୁ ମିଳୁ ନ ଥିବାବେଳେ ଚଳିତ ନବବର୍ଷରେ ମାଳମାଳ ଲାଗିଛି। ଏହାଦେଖି ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରୁଥିଲେ ବି ନିର୍ବାଚନୀ ବର୍ଷର ବାସ୍ନା ବାରିନେଲେଣି । ଗୋଟିଏ ପଟେ ରାଜ୍ୟ ସରକାର ମହିଳାଙ୍କ ନିମନ୍ତେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ଅଣ୍ଟା ଭିଡ଼ିଥିବା ବେଳେ ଲାଗିଥିବା ବ୍ୟାନରରେ କୌଣସି ମହିଳାଙ୍କ ଚେହେରା ଦେଖିବାକୁ ମିଳୁନାହିଁ। ଏପରି ଅବ୍ୟବସ୍ଥିତ ବ୍ୟାନର ମରା ପ୍ରତିଯୋଗିତା ବୈପାରୀଗୁଡ଼ା ବଜାର ସୌନ୍ଦର୍ଯ୍ୟ ନଷ୍ଟ କରୁଥିବା ଅଭିଯୋଗ ହୋଇଛି । ଶସ୍ତା ପ୍ରଚାରପ୍ରସାର ବଦଳରେ ଯଦି ନେତାମାନେ ଲୋକଙ୍କ ପାଇଁ କାମ କରନ୍ତେ, ତେବେ ଏସବୁର ଏତେ ଆବଶ୍ୟକତା ପଡ଼ନ୍ତା ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।


ବୈପାରୀଗୁଡ଼ା ଛକରେ ଲାଗିଥିବା ଶୁଭେଚ୍ଛା ବ୍ୟାନର ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଡିସେମ୍ବର ୩୧/୨୦୧୮ Rayagada, Monday, December 31 / 2018

# ସରିଲା ଚଇତି


ରାୟଗଡ଼ାର ଶିବା ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ରାୟଗଡ଼ା ଅଫିସ,୩୦।୧୨**

ଜିଲାର ସଂସ୍କୃତି, ପରମ୍ପରା ଓ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ପାଲଟିଥିବା ରାୟଗଡ଼ାର ଲୋକ ମହୋତ୍ସବ ଚଇତି ରବିବାର ଶେଷ ହୋଇଛି । ସନ୍ଧ୍ୟାରେ ପ୍ରଥମେ ରାୟଗଡ଼ା କଳାକାରମାନଙ୍କ ଦ୍ୱାରା ମେଲୋଡ଼ି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରେ ରାୟଗଡ଼ା ମହିଳା ମହାବିଦ୍ୟାଳୟ ଏନ୍‌ସିସି ଅଫିସର ଲ୍ୟୁଟନାଣ୍ଟ ରୀତାରାଣୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଦେବଦୀପ୍ତି ବିଶ୍ୱାଳ, ଭୁବନେଶ୍ୱର ଓଡ଼ିଶୀ ଜୁପିଟର ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଶିବ ତାଣ୍ଡବ, ସୁପର ମମ ଗ୍ରୁପ ଦ୍ୱାରା ରଷିୟାନ ଡ୍ୟାନ୍ସ ଇନ୍ ଇଣ୍ଡିୟାନ ଫର୍ମ ଏବଂ ଚିରସ୍ମିତା ଦଳ ଦ୍ୱାରା କଥକ ଫ୍ୟୁଜନ ପରିବେଷଣ କରାଯାଇଥିଲା । କେନ୍ଦ୍ରୀୟ ସୁରକ୍ଷା ବଳର ଡ଼ିଆଇଜି ଏସ.ଡ଼ି ପାଣ୍ଡେଙ୍କ ଅଭିଭାଷଣ ପରେ ରାକ୍ଷୀ ପଣ୍ଡାଙ୍କ ଦଳ ଦ୍ୱାରା ରାଜସ୍ଥାନୀ ନୃତ୍ୟ ପ୍ରଦର୍ଶନ ହୋଇଥିଲା । ଅରୁଣା ବେହେରା, ମା ସନ୍ତୋଷୀ ଦଳ ମୁନିଗୁଡ଼ା ଦ୍ୱାରା ଭାରତନାଟ୍ୟମ୍, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରାୟଗଡ଼ା ଓ ଜିସିଡ଼ି ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ଗୁହା ପୁନମ ତାପସ କୁମାର ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ଚଇତି ମଣ୍ଡପରେ ଚଇତି ଉତ୍ସବ ଥିମ, ଲୋକ ସଂସ୍କୃତି ଓ ପର୍ଯ୍ୟଟନସ୍ଥଳୀ ଉପରେ ଲିଖିତ କୁଇଗୀତ ଚଇତି ୨୦୧୮ର ଭିଡ଼ିଓ ଆଲବମ୍ ଲୋକାର୍ପଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ନାୟକ, ଅଭିନେତା ସନ୍ତୋଷ ସୁପ୍ରିତ ଓ ଅରୁନ୍ଧତୀ ନାୟକ, ଗାୟକ ନବନୀତ ଅର୍ପିତା ପ୍ରମୁଖ ଉପସ୍ଥିତ ଥିଲେ ।


ଓଡ଼ିଶୀ ନୃତ୍ୟ ପରିବେଷଣ କରୁଥିବା କଳାକାରମାନେ।

## ସଂକ୍ଷେପରେ

### କାଶିପୁର-ଲଦିଗୁଡ଼ା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

**ଟିକିରି, ୩୦।୧୨ (ଡି.ଏନ୍.ଏ.):** ରାୟଗଡା ଜିଲା କାଶିପୁର ବ୍ଲକର ଦୀର୍ଘ ଦିନ ପରେ ଲଦିଗୁଡାଠାରୁ କାଶିପୁର ପର୍ଯ୍ୟନ୍ତ ନୂତନ ପକ୍କା ରାସ୍ତା ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆଦିବାସୀ ହରିଜନ କଲ୍ୟାଣମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ରାସ୍ତା କାମ ନେଇ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସଦସ୍ୟ ଏନ୍ ଭାସ୍କର ରାଓ , ଏମ୍‌ପି ଝିନ୍ନ ହିକ୍‌କା, ରାୟଗଡ଼ା ବିଧାୟକ ଲାଲ ବିହାରୀ ହିମିରିକା ପ୍ରମୁଖ ଯୋଗ ଦେଇଥିଲେ । ଏହି ରାସ୍ତା କାମ ପାଇଁ ୧୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିରେ ପୂର୍ତ୍ତ ବିଭାଗର ପ୍ରଦୀପ୍ତ ମୋହନ ମିଶ୍ର, ଅଜିତ ବେହେରା, ଅଶୋକ ମହାରଣା, ବୁଧିଆ ମାରାଣ୍ଡି ଉପସ୍ଥିତ ଥିଲେ।

### ଇମ୍ଫା ଶ୍ରମିକ ପାଇଲେ 'ସୁରକ୍ଷା ଶ୍ରମିକ ବନ୍ଧୁ' ପୁରସ୍କାର

**ରାୟଗଡ଼ା ଅଫିସ,୩୦।୧୨:** ରାୟଗଡ଼ା ଜିଲା ଥେରୁବାଲିଠାରେ ଥିବା ଇମ୍ଫା ଫେରୋମାଙ୍ଗାନିଜ କାରଖାନାର ଶ୍ରମିକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସୁରକ୍ଷା ଶ୍ରମିକ ବନ୍ଧୁ ପୁରସ୍କାର ମିଳିଛି । କାରଖାନାରେ ଅଟୋଟେକ୍‌ନିସିଆନ ଭାବେ କାମ କରୁଥିବା ବିଜୟ କୁମାର ବେହେରାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା କାରଖାନାର ଲୋକ ସମ୍ପର୍କ ବିଭାଗ ସାଧାରଣ ପ୍ରବନ୍ଧକ ଶକ୍ତି ପ୍ରସାଦ ପାଣିଗ୍ରାହୀ ଜଣାଇଛନ୍ତି । ଗତ ୨୬ ତାରିଖରେ ରାୟଗଡ଼ା ଜିଲା ଜେକେପୁର ଶୈଳେଶଚନ୍ଦ୍ର ଜୈନ ମେମୋରିଆଲ ଅଡ଼ିଟୋରିୟମଠାରେ ଅନୁଷ୍ଠିତ ସୁରକ୍ଷା ହିଁ ଆତ୍ମରକ୍ଷାର ପ୍ରଥମ ସୋପାନ କାର୍ଯ୍ୟକ୍ରମରେ ବେହେରାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । କାରଖାନା ଓ ବାଷ୍ପିତ ଚୁଲା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏମ.କେ ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ।



## ପାଚିକା ଓ ସହାୟିକା ସଂଘ ସମ୍ମିଳନୀ


ସମ୍ମିଳନୀରେ ଯୋଗ ଦେଇଥିବା ପାଚିକା ଏବଂ ସହାୟିକାମାନେ ।

**ରାମନାଗୁଡ଼ା,୩୦।୧୨(ଡି.ଏନ୍.ଏ.)**

ରାମନାଗୁଡା ବ୍ଲକ ଚାକୁଣ୍ଡା ହାଟପଦାଠାରେ ରବିବାର ଦକ୍ଷିଣ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ଏବଂ ସହାୟିକା ସଂଘର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପାଚିକା ଓ ସହାୟିକାଙ୍କୁ ସ୍ଥାୟୀ ନିଯୁକ୍ତି, ମାସିକ ୧୮ ହଜାର ଟଙ୍କା ଦରମା, ୨୮ ମାସର ବକେୟା ପ୍ରଦାନ, ପେନସନ ଲାଗୁ କରିବା, ବର୍ଷକୁ ୩ଗୋଟି ସୁତାଲୁଗା ପ୍ରଦାନ ଦାବି ପୂରଣ କରିବାକୁ ମତ ପ୍ରକାଶ ପାଇଥିଲା। ଆସନ୍ତା ୮ ଏବଂ ୯ ତାରିଖ ଦୁଇଦିନ ଧରି ଜିଲାର ପ୍ରତ୍ୟେକ ମ୍ୟୁନିସିପାଲିଟି, ଏନ୍‌ଏସି, ବ୍ଲକରେ ଶୋଭାଯାତ୍ରା ଏବଂ ପ୍ରତିବାଦ ସଭା କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ସମ୍ମିଳନୀରେ ଗୁଣପୁର ଉପଖଣ୍ଡ ବିଭିନ୍ନ ବ୍ଲକର ପାଚିକା ଏବଂ ସହାୟିକାମାନେ ଯୋଗ ଦେଇଥିଲେ। ସିପିଆଇ(ଏମ୍‌ଏଲ୍) ଲିବରେଶନର ରାୟଗଡା ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ଏବଂ ବୃନ୍ଦାବନ ବିଡିକା ଯୋଗ ଦେଇଥିଲେ ।


ରାୟଗଡ଼ା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଚଇତି ପାର୍କିଂ ସ୍ଥାନରୁ ବାଇକ ଚୋରି

**ରାୟଗଡା ଅଫିସ,୩୦।୧୨**

ଚଇତି ଉତ୍ସବର ପାର୍କିଂ ସ୍ଥାନରୁ ଏକ ବାଇକ ଚୋରି ହୋଇଯାଇଛି । ଏ ନେଇ ବାଇକ ଚାଳକ ରାୟଗଡା ସହରର ରାଣୀଗୁଡା ଫାର୍ମ ଅଞ୍ଚଳର ତ୍ରିନାଥ ମନ୍ଦିର ନିକଟ ସାହିରେ ରହୁଥିବା ଅଶୋକ କୁମାର ଶତପଥୀ ରାୟଗଡା ଥାନାରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଜି.ସି.ଡି. ହାଇସ୍କୁଲ ପଡିଆରେ ଚାଲିଥିବା ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ ଚଇତିକୁ ବାଇକ(ଓଡି୧୮-୮୫୦୦) ଯୋଗେ ଯାଇଥିଲେ। ସେ ଅଶୋକ କଲ୍ୟାଣ ମଣ୍ଡପ ପରିସରରେ ପାର୍କିଂ ସ୍ଥାନରେ ବାଇକ ରଖିଥିଲେ। କିନ୍ତୁ ସେଠାରୁ ବାଇକ୍ ଚୋରି ହୋଇ ଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି । ଚଇତି ପଡିଆରେ ଚାଲିଥିବା ପଲ୍ଲିଶ୍ରୀ ମେଳାରେ ତାଙ୍କର ଭାରତୀୟ ଯୁବଶକ୍ତି ଟ୍ରଷ୍ଟର ଏକ ସଚେତନତା ଷ୍ଟଲ ଖୋଲା ଯାଇଥିଲା।

## ଧାନଗଦା ଜଳିଗଲା

**ଦିଗପହଣ୍ଡି,୩୦।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଡଲି ମହୁଲପଡ଼ା ଗାଁରେ ଅଗ୍ନିକାଣ୍ଡ ଘଟି ୬ ଜଣ ଚାଷୀଙ୍କ ଲକ୍ଷାଧିକ ଟଙ୍କାର ଧାନଗଦା ଜଳିଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନକୁଳ ମଳିକ, ପୂର୍ଣ୍ଣ ମଳିକ, ରାଜେନ୍ଦ୍ର ମଳିକ, ରଘୁନାଥ ମଳିକ, ନାଥ ମଳିକ ଓ ପ୍ରକାଶ ମଳିକଙ୍କ ଧାନଗଦା ଜଳିଯାଇଛି।

## ସମନ୍ୱିତ କୃଷି ପଦ୍ଧତି ପରିଯୋଜନା କର୍ମଶାଳା

**ରାୟଗଡା ଅଫିସ୍, ୩୦।୧୨**

ଚଇତି-୨୦୧୮ ଅବସରରେ ରାୟଗଡା ଜିଲାର କୃଷକମାନଙ୍କର ଆୟର ଦୁଇଗୁଣିତ କରିବା ଲକ୍ଷ୍ୟ ନେଇ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, କୃଷି ବିଭାଗ ଏବଂ ଉଦ୍ୟାନ କୃଷି ବିଭାଗ ରାୟଗଡା ଆନୁକୂଲ୍ୟରେ ସମନ୍ୱିତ କୃଷି ପଦ୍ଧତି ପରିଯୋଜନାର କର୍ମଶାଳା ଅନୁଷ୍ଠିତ ହୋଇଛି । ଏହି କର୍ମଶାଳାରେ ବିଧାୟକ ଲାଲ୍‌ବିହାରୀ ହିମିରିକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସରକାରୀ କର୍ମଚାରୀଙ୍କ ସହ ସୁସମ୍ପର୍କ ରକ୍ଷା କରି ସରକାରଙ୍କ ସମସ୍ତ ଯୋଜନାର ଲାଭ ଉଠାଇବା ପାଇଁ ଯତ୍ନବାନ ହେବାକୁ ବିଧାୟକ ପରାମର୍ଶ ଦେଇଥିଲେ । ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ମଲ୍ଲିକ ଯୋଗ ଦେଇ ସମନ୍ୱିତ କୃଷି ପଦ୍ଧତିର ବିଭିନ୍ନ ନମୁନା ଯଥା କୃଷି ସହ ପଶୁପାଳନ, ମତ୍ସ୍ୟ ଚାଷ, ଉଦ୍ୟାନ କୃଷି ଆଦି ବିଭିନ୍ନ ଉଦାହରଣ ମାଧ୍ୟମରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ସେହିପରି ଜିଲା ଉପ କୃଷି ନିର୍ଦ୍ଦେଶକ ରବୀନ୍ଦ୍ର ଖୁଣ୍ଟିଆ କୃଷି ବିଭାଗର ବିଭିନ୍ନ ଯୋଜନା ବିଷୟରେ କହିଥିଲେ । ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଆନନ୍ଦ ଚନ୍ଦ୍ର ସାହୁ ଉଦ୍ୟାନ କୃଷି ଭିତ୍ତିକ ଯୋଜନା ବିଷୟରେ ଅବଗତ କରାଇବା ସହ କଦଳୀ ଓ ଆମ୍ବ ଚାଷ କରି କିପରି ଆୟ ଦୁଇଗୁଣିତ କରିପାରିବେ ସେ ନେଇ କହିଥିଲେ । ନୂଆପଡା ସିପିଏସ୍‌ଡବ୍ଲ୍ୟୁ ନିର୍ଦ୍ଦେଶକ ବିରଞ୍ଚି ମହାପାତ୍ର ସାଧନ ବ୍ୟକ୍ତି ଭାବେ ଯୋଗଦେଇ ସମନ୍ୱିତ କୃଷି ବିଷୟରେ କହିବା ସଙ୍ଗେ ସଙ୍ଗେ ଉନ୍ନତ ମାନର ପିଆଜ ଚାଷ କରି କିପରି ଲାଭବାନ ହୋଇପାରିବେ ତାହା ବୁଝାଇଥିଲେ । ଏଥିରେ ପଞ୍ଚାୟତ ସମିତି ଅଧକ୍ଷ ପେଦେଣ୍ଟି ରାମୁଲୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ୨୬୦ ଚାଷୀ ଯୋଗଦେଇ ସମନ୍ୱିତ କୃଷି ପଦ୍ଧତି ପରିଯୋଜନାରେ ଚାଷ କରି କିପରି ତାଙ୍କର ଆୟ ଦୁଇଗୁଣିତ କରିବେ ତଥ୍ୟ ଗ୍ରହଣ କରିଥିଲେ । ଏହାକୁ ଚିନ୍ତାମଣୀ ଜେନା ପରିଚାଳନା କରିଥିଲେ । ଦାମୋଦର ପାଣିଗ୍ରାହୀ, ପ୍ରଦୀପ କୁମାର ପଟ୍ଟନାୟକ, କିଶୋର ନାଏକ, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ଜ୍ଞାନ ଦିଗାଲ, ଦୁଷ୍ମନ୍ତ କୁମାର, ପ୍ରିୟଙ୍କା ମଲ୍ଲିକ ଓ ସୁରଭି ମହାପାତ୍ର ସହଯୋଗ କରିଥିଲେ ।



କର୍ମଶାଳାରେ ଯୋଗ ଦେଇଥିବା ଅତିଥି ।

## ଉଜ୍ଜ୍ୱଳା ସାନିଟାରି ନାପ୍‌କିନ୍‌ର ଶୁଭାରମ୍ଭ

**ରାୟଗଡା ଅଫିସ/କଲ୍ୟାଣସିଂହପୁର, ୩୦।୧୨(ଡ଼ି.ଏନ.ଏ)**

ରାୟଗଡାସ୍ଥିତ ସ୍ୱାମୀ ବିବେକାନନ୍ଦ ପାଖ ପଡିଆରେ ଉଜ୍ଜ୍ୱଳା ସାନିଟାରି ନାପ୍‌କିନର ଶୁଭାରମ୍ଭ କରାଯାଇଛି । ସାରା ରାଜ୍ୟରେ ଜନସେବା କେନ୍ଦ୍ରରେ ସାନିଟାରୀ ନାପ୍‌କିନ୍ ପ୍ରସ୍ତୁତକାରୀ ସଂସ୍ଥା କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଆଧାରରେ ସ୍ଥାପନ କରି ଓଡ଼ିଶାର ମହିଳାମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ମହିଳାଙ୍କୁ ମାସିକ ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟରକ୍ଷା କୌଶଳ ଅବଲମ୍ବନ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଅମିତ କୁମାର ସାହୁ, କେ.ଅଶ୍ୱିନୀ, ରାୟଗଡା ଜିଲା ଆମ୍ବୁଡିସ ମ୍ୟାନ୍ ବିଦ୍ୟୁଲତା ହୁଇକା, ଜୟନ୍ତୀ ପଦ୍ମାଳୟା ସାହୁ, ଉଷାରାଣୀ ଦାଶ, ଯୋଗେଶ୍ୱର ଦାସଙ୍କ ସମେତ ପ୍ରାୟ ୧ ହଜାର ମହିଳା ଯୋଗ ଦେଇଥିଲେ। ସେହିପରି କଲ୍ୟାଣସିଂହପୁର ବ୍ଲକ ବୁଡ଼ାଗୁଡା ଆରଏମ୍‌ସି ପ୍ରାଙ୍ଗଣରେ ରବିବାର ଉଜ୍ଜ୍ୱଳା ସାନିଟାରି ନାପକିନର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ସିଏସ୍‌ସି ଷ୍ଟେଟ୍ ମ୍ୟାନେଜର ଅଜୟ ସାମନ୍ତରାୟ, ଏଲ୍‌ପିଜି ଏସ୍‌ଡିପି ପ୍ରଣବ କୁମାର ନିଶଙ୍କ, ବୁଡ଼ାଗୁଡା ଗ୍ରାମ ପଞ୍ଚାୟତ (ସିଏସ୍‌ସି) ଜନସେବା କେନ୍ଦ୍ରର ପରିଚାଳକ ତ୍ରିନାଥ କନ୍ଧପାଣି ପରିଚାଳନା କରିଥିଲେ।

## ଦ୍ୱିତୀୟ ଦିନରେ କଂଗ୍ରେସ ତରଫରୁ ଗଣଧାରଣା

**ଟିକିରି, ୩୦।୧୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶିପୁର ବ୍ଲକ ଦୋରାଗୁଡାଠାରେ ଥିବା ଉତ୍କଳ ଆଲୁମିନା କମ୍ପାନୀର ମୁଖ୍ୟ ଫାଟକରେ କଂଗ୍ରେସ ତରଫରୁ ଦିଆଯାଇଥିବା ଗଣଧାରଣା ରବିବାର ଦ୍ୱିତୀୟ ଦିବସରେ ପହଞ୍ଚିଛି । ୧୪ ଦଫା ଦାବି ନେଇ ଏହି ଗଣଧାରଣା ଦିଆଯାଇଛି । ସ୍ଥାନୀୟ ଅଞ୍ଚଳର ବିସ୍ଥାପିତ, କ୍ଷତିଗ୍ରସ୍ତ ଏବଂ ପ୍ରଭାବିତ ପରିବାରଙ୍କୁ ପ୍ରଥମେ ବିଭିନ୍ନ ସୁବିଧା ମିଳିବା, ବ୍ଲକ ଓ ଜିଲାର ଶିକ୍ଷିତ ଯୁବକ ଓ ଯୁବତୀମାନଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ନିଯୁକ୍ତି କରିବା ଦାବି କରାଯାଇଛି। ଏଥିରେ ଜିଲାର ଦୁର୍ଗା ପଣ୍ଡା, ମକର ମୁଦୁଲି, ଅଭିରାମ ଜୈନ, ଅମ୍ବିକା ମାଝି, ସବିତା ନାଏକ, ମୋହନ ମାଝି, ବାଦଲ ମହାନ୍ତିଙ୍କ ସମେତ କଂଗେସର ନେତା ଓ କର୍ମୀମାନେ ଧାରଣାରେ ସାମିଲ ହୋଇଛନ୍ତି।

## ଶ୍ରମିକଙ୍କୁ ମିଳୁଛି ୧୫୦ ଟଙ୍କା ମଜୁରି

### ସରକାରୀ ନିର୍ଦ୍ଦେଶକୁ ବେଖାତିର

**ରାୟଗଡା ଅଫିସ, ୩୦।୧୨**

ଶ୍ରମିକମାନଙ୍କୁ ବିକାଶର ମେରୁଦଣ୍ଡ ବୋଲି କୁହାଯାଉଥିବା ବେଳେ ଏମାନଙ୍କୁ ଠିକ୍ ଭାବେ ପ୍ରାପ୍ୟ ମିଳୁନାହିଁ। ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରାଯାଇ ନିର୍ମାଣ ଶ୍ରମିକମାନଙ୍କୁ ଦୈନିକ ମଜୁରି ମାତ୍ର ୧୫୦ଟଙ୍କା ଦିଆଯାଉଛି। ସଚେତନତାର ଅଭାବ ଓ ପ୍ରଶାସନିକ ଅଣଦେଖା ଯୋଗୁ ଉଚିତ ପ୍ରାପ୍ୟ ମିଳୁ ନ ଥିବା ଅଭିଯୋଗ ଆଣିଛନ୍ତି ରାୟଗଡା ଜିଲା କୋଲନରା ଅଞ୍ଚଳର କେତେକ ଶ୍ରମିକ। ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସମ୍ପ୍ରତି କୋଲନରା ବ୍ଲକ ଅଧୀନ ପିଡବ୍ଲ୍ୟୁଡି ରାସ୍ତାଠାରୁ ବଡଖିଲାପଦର ୧୨କିଲୋମିଟର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା କାମ ଚାଲିଛି। ଏହି କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୬୦ଜଣ ଶ୍ରମିକ ନିୟୋଜିତ ହୋଇଛନ୍ତି। ତେବେ ସେମାନଙ୍କୁ ସର୍ବନିମ୍ନ ଦୈନିକ ମଜୁରୀ ୨୮୦ଟଙ୍କା ବଦଳରେ ୧୫୦ ଟଙ୍କା ଦିଆଯାଉଛି। ସେହିପରି ସେମାନଙ୍କ ପାଇଁ କାର୍ଯ୍ୟସ୍ଥଳରେ ପାନୀୟଜଳ ଓ ବିଶ୍ରାମ ନିମନ୍ତେ ବ୍ୟବସ୍ଥା ହୋଇନାହିଁ। କାର୍ଯ୍ୟସ୍ଥଳରେ ଥିବା ସୁପରଭାଇଜରଙ୍କୁ ପଚାରିବାରେ ସରକାରଙ୍କ ସର୍ବନିମ୍ନ ମଜୁରୀ କେତେଅଛି ଆମେ ଜାଣିନୁ ବୋଲି କହିଛନ୍ତି। ଅନ୍ୟପକ୍ଷେ ବିଭାଗୀୟ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଜିଲାରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଣକୁଶଳୀ ଶ୍ରମିକମାନଙ୍କୁ ଉଚିତ ସର୍ବନିମ୍ନ ମଜୁରୀ ଦିଆଯାଉଛି କି ନାହିଁ ତାହା ତଦନ୍ତ ସାପେକ୍ଷ। ଅଣକୁଶଳୀ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀ ୨୮୦, ଅର୍ଦ୍ଧକୁଶଳୀଙ୍କୁ ୩୨୦, କୁଶଳୀଙ୍କୁ ୩୭୦ ଏବଂ ଅତିକୁଶଳୀ ଶ୍ରମିକଙ୍କ ପାଇଁ ୪୩୦ ଟଙ୍କା ଦେବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ମାତ୍ର ରାୟଗଡା ଜିଲାରେ ଏହାକୁ ବେଖାତିର କରାଯାଉଛି। ଶ୍ରମିକମାନେ ଉଚିତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିଯୋଗୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଏହା ଆଗାମୀ ଦିନରେ ଆନ୍ଦୋଳନର ରୂପ ନେଇପାରେ।


ଶ୍ରମିକମାନେ ରାସ୍ତା କାମ କରୁଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ